BAGEESHA
ବାଗୀଶ
ତୃତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ-ଅଗଷ୍ଟ ୨୦୨୫
Volume No. 03 | Issue No. 04 | Jul-Aug 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଊନବିଂଶ ଶତାବ୍ଦୀର ଓଡ଼ିଆ ଅଭିଧାନ ନିର୍ମାଣ: କେତେକ ସମସ୍ୟା ଓ ତା'ର ନିରାକରଣ

**ଜୀବନ କୁମାର ପଣ୍ଡା**
ଗବେଷକ, ସଂସ୍କୃତି ଅଧ୍ୟୟନ, ପ୍ରାଚୀନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

RECEIVED : 20 MAY 2025
ACCEPTED : 25 AUG 2025
REVISED : 31 AUG 2025
PUBLISHED: 10 SEP 2025
ARTICLE QR CODE
DOI: 10.70541/BAGEESHA/2025030402
Article No. BM2025/04-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com
BM2025/04-A002

ABSTRACT

## ସାରାଂଶ

*ଊନବିଂଶ ଶତାବ୍ଦୀ ଆଗରୁ ଆଧୁନିକ ରୀତିରେ ଓଡ଼ିଆ ଅଭିଧାନ ନଥିଲା। କାବ୍ୟ କବିତା ଲେଖିବା ପାଇଁ ସମାର୍ଥକ ଶବ୍ଦ ସବୁକୁ ନେଇ ଗୀତ ବା ଶ୍ଳୋକରେ କୋଷଗ୍ରନ୍ଥସବୁ ଲେଖାଯାଉଥିଲା। ଏନିବନ୍ଧରେ ପ୍ରାଚୀନ ଭାରତୀୟ ଅଭିଧାନ ରଚନାଶୈଳୀ ସମ୍ପର୍କରେ ପ୍ରଥମେ ସୂଚନା ଦିଆଯାଇଛି ଓ ଔପନିବେଶିକ ପାଦ୍ରି/ପ୍ରଶାସକମାନଙ୍କ ଦ୍ୱାରା ରଚିତ ଊନବିଂଶ ଶତାବ୍ଦୀର ଅଭିଧାନମାନଙ୍କର ନିର୍ମାଣରେ ଥିବା ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଅନୁଶୀଳନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ନିର୍ମିତ ଏହି ଅଭିଧାନଗୁଡ଼ିକର ପଦ୍ଧତିଗତ ସମସ୍ୟା ଓ ନୂତନ ସଂଯୋଜନ କିପରି ପରବର୍ତ୍ତୀକାଳରେ ଓଡ଼ିଆ ଅଭିଧାନ ପଦ୍ଧତିକୁ ସମୃଦ୍ଧ କରିଛି, ତାହା ପର୍ଯ୍ୟାୟକ୍ରମେ ଉକ୍ତ ନିବନ୍ଧରେ ଆଲୋଚିତ ହୋଇଛି। ଯାହା ଉକ୍ତ ନିବନ୍ଧ ପ୍ରସ୍ତୁତିର ପ୍ରମୁଖ ଉଦ୍ଦେଶ୍ୟ।*

**ମୂଳଶବ୍ଦ:** ପ୍ରାଚୀନ କୋଷଗ୍ରନ୍ଥ, ଅଭିଧାନ, ସଟନ୍, ଊନବିଂଶ ଶତାବ୍ଦୀର ବ୍ୟାକରଣ ଚର୍ଚ୍ଚା, ଅଭିଧାନ ନିର୍ମାଣ, କୌଶଳ, ଓଡ଼ିଆ ଅଭିଧାନ, ଓଡ଼ିଆ ସାହିତ୍ୟ, ପ୍ରାଚୀନ ଭାରତୀୟ ଅଭିଧାନ।

**ଉପକ୍ରମ:** ବର୍ଣ୍ଣାନୁକ୍ରମରେ ଶବ୍ଦଗୁଡ଼ିକୁ ସଜ୍ଜିତ କରି, ସେହିଭାଷା କିମ୍ବା ଏକାଧିକ ଅନ୍ୟଭାଷାରେ ତା'ର ଅର୍ଥ, ପଦପ୍ରକରଣ, ବ୍ୟୁତ୍ପତ୍ତି, ବ୍ୟବହାର ଇତ୍ୟାଦି ଦିଆଯାଇଥିବା ଗ୍ରନ୍ଥ ହେଉଛି ଅଭିଧାନ। ଅଭିଧାନ ଏକ ସାଧନ ଉତ୍ସ। ଏହା ମୁଦ୍ରିତ ବା ଇଲେକ୍ଟ୍ରନିକ ହୋଇପାରେ। ଏହି ବର୍ଣ୍ଣକ୍ରମ ଅନୁସାରେ ସଜା ହୋଇଥିବା ଶବ୍ଦ ତାଲିକାରେ ବେଳେ ବେଳେ ଉଚ୍ଚାରଣ, ବ୍ୟାକରଣ, ବ୍ୟୁତ୍ପନ୍ନ ଶବ୍ଦ, ବ୍ୟୁତ୍ପତ୍ତି ଆଦି ରହିଥାଏ। ପୁଣି କେବଳ ଅର୍ଥ ନୁହେଁ କେତେକ ସ୍ଥାନରେ ଏହି ଶବ୍ଦକୁ ବୁଝାଇବା ପାଇଁ ବାକ୍ୟାଂଶ, ବକ୍ତୃତାଂଶ ମଧ୍ୟ ସ୍ଥାନିତ ହୋଇଥାଏ। (ଦାସ: ୨୦୨୩: ୧୧)

ସଂଜ୍ଞା ଆଧାରରେ ବିଚାର କଲେ, ଊନବିଂଶ ଶତାବ୍ଦୀ ଆଗରୁ ଓଡ଼ିଆରେ ଅଭିଧାନ ନଥିଲା। ପ୍ରାଚ୍ୟ ଆଦର୍ଶ ଅନୁସାରେ କୋଷଗ୍ରନ୍ଥଗୁଡ଼ିକ ଥିଲା ବହୁ ଅର୍ଥମୂଳକ ଶବ୍ଦଗୁଡ଼ିକର ବିଭାଗୀକୃତ, ବେଳେ ବେଳେ ଗୋଟିଏ ବିଷୟର ହିଁ ଏକାଧିକ ନାମବାଚକ ଶବ୍ଦର ତାଲିକା ଥିଲା। ପୁଣି ଏହା ପଦ୍ୟରେ ଲିଖିତ। ଏଣୁ ଅକ୍ଷର ଅନୁକ୍ରମରେ ଶବ୍ଦ ଅନୁସନ୍ଧାନର ସୁଯୋଗ ନଥିଲା। ଏକାଦଶ ଶତାବ୍ଦୀରେ ଆଚାର୍ଯ୍ୟ ଯାଦବପ୍ରକାଶ ବୈଜୟନ୍ତୀକୋଷରେ ପ୍ରଥମ ଅକ୍ଷରମୂଳକ ଆକ୍ଷରାନୁକ୍ରମିତା ରୀତିର ପ୍ରୟୋଗ କରିଥିଲେ । ଏହି କୋଷରେ ଆଠଟି କାଣ୍ଡ ରହିଛି। ଏହାକୁ ଦୁଇ ଭାଗରେ ବିଭକ୍ତ, ପର୍ଯ୍ୟାୟ ଭାଗ ଓ ନାନାର୍ଥ ଭାଗ। ପର୍ଯ୍ୟାୟ ଭାଗରେ ପାଞ୍ଚଟି କାଣ୍ଡ ଓ ଦ୍ୱିତୀୟ ନାନାର୍ଥ ଭାଗରେ ତିନୋଟି କାଣ୍ଡ ରହିଛି। ଗ୍ରନ୍ଥରେ ୩୨୧୬ଟି ଶ୍ଳୋକ ରହିଛି। ଏହା ଅମରକୋଷର ଶ୍ଳୋକ ସଂଖ୍ୟାର ୨ଗୁଣରୁ ଅଧିକ। (ଶାସ୍ତ୍ରୀ: ୨୦୦୮:୧୬-୧୭)

ବିକ୍ରମାଦିତ୍ୟଙ୍କ ରାଜସଭାର ଅମରସିଂହ ପ୍ରଣୀତ ଅମରକୋଷ ସଂସ୍କୃତ ଅଭିଧାନ ଇତିହାସରେ ଏକ ଚର୍ଚ୍ଚିତ ଗ୍ରନ୍ଥ। ଏହି ଗ୍ରନ୍ଥ ତ୍ରିଲିଙ୍ଗ ଏବଂ ଲିଙ୍ଗାନୁଶାସନମ୍ ନାମରେ ପରିଚିତ। ଏହା ତିନିଗୋଟି କାଣ୍ଡ, ଯଥା – ସ୍ୱର୍ଗ (ଦେବତା ଓ ସ୍ୱର୍ଗୀୟ ବସ୍ତୁବିଶେଷ ଏବଂ ପାତାଳ ସଂକ୍ରାନ୍ତ ପର୍ଯ୍ୟାୟବାଚୀ ଶବ୍ଦ), ଭୂମି (ପୁରଃଶୈଳ, ବନୌଷଧୀ, ମନୁଷ୍ୟ, ବ୍ରାହ୍ମଣ, ବୈଶ୍ୟ, ଶୂଦ୍ର ଇତ୍ୟାଦି) ଏବଂ ସାମାନ୍ୟ (ପ୍ରାଣୀ ବିଶେଷ, ସଂକୀର୍ଣ୍ଣ, ନାନାର୍ଥ, ଅବ୍ୟୟ ଓ ଲିଙ୍ଗାଦି ସଂଗ୍ରହ) ଓ ଅଠରଗୋଟି ବର୍ଗରେ ବିଭକ୍ତ। (ସିଂହ:୧୮୯୯)

ଇଉରୋପରେ ସାମୁଏଲ ଜନ୍‌ସନ୍ ପ୍ରଥମେ ଇଂରାଜୀ ଭାଷାର ୧୭୫୫ ମସିହାରେ ଡିକ୍ସନାରି ଅଫ୍ ଦି ଇଂଲିସ, ଦୁଇ ଭାଗରେ ପ୍ରକାଶ କରିଥିଲେ। ସେ ପ୍ରଥମେ ଏହି କାମକୁ ୩ ବର୍ଷରେ ଶେଷ କରିବାକୁ ଯୋଜନା କରିଥିଲେ, କିନ୍ତୁ ଶେଷ ହେବାକୁ ପ୍ରାୟ ୮ ବର୍ଷରୁ ଅଧିକ ସମୟ ଲାଗିଥିଲା। ଶତାଧିକ ବିଦ୍ୱାନଙ୍କ ସହଯୋଗରେ ଏହା ସଂକଳିତ ହୋଇଛି। ଭାଷାର ମୌଳିକତା ରକ୍ଷା କରିବା ଉଦ୍ଦେଶ୍ୟରେ ସେ ଫରାସୀ ଓ ଲାଟିନ୍ ଭାଷାର ବିଶେଷଜ୍ଞଙ୍କ ସହାୟତା ନେଇଥିଲେ। ସମକାଳରେ ଭାଷାର ଉଚ୍ଚାରଣ ଓ ଲିଖନରେ ପରିଲକ୍ଷିତ ଦ୍ରୁତ ପରିବର୍ତ୍ତନଧାରାକୁ ନିୟନ୍ତ୍ରଣ ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଜନ୍‌ସନ୍‌ଙ୍କ ଅଭିଧାନର ମୁଖ୍ୟ ବିଶେଷତା - ଅକ୍ଷରକ୍ରମ, ଉଦାହରଣ, ବ୍ୟୁତ୍ପତ୍ତି ଓ ପଦନିର୍ଣ୍ଣୟ। ବିଭିନ୍ନ ଗ୍ରନ୍ଥର ଉଦାହରଣମାନ ସଂଗ୍ରହ କରି ଶବ୍ଦର ଅର୍ଥକୁ ସରଳ ଓ ବୋଧଗମ୍ୟ ଭାବେ ସେ ଉପସ୍ଥାପନ କରିଥିଲେ। ଏହି ଅଭିଧାନରେ ଇଂରାଜୀ ଭାଷା ଅପରଭାଷାଠାରୁ ତାହାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଥିଲା। ସେହିକାଳରେ ସେ ଅଭିଧାନ ପ୍ରସ୍ତୁତିର ଯେଉଁ ମାନର ଧାର୍ଯ୍ୟ କରିଥିଲେ, ଯାହା ଆଜି ବି ଆଧୁନିକ ଅଭିଧାନଗୁଡ଼ିକର ପଥପ୍ରଦର୍ଶକ। ତେଣୁ ସାମୁଏଲ୍ ଜନ୍‌ସନ୍‌ଙ୍କୁ ଯଥାର୍ଥରେ ଆଧୁନିକ ଅଭିଧାନର ଜନକ କୁହାଯାଏ। କିନ୍ତୁ ସାମୁଏଲ୍ ଜନ୍‌ସନ୍‌ଙ୍କ ଅଭିଧାନର ୮୫ ବର୍ଷ ପରେ ଓଡ଼ିଆରେ ପ୍ରକାଶିତ ଆମସ୍ ସଟନ୍‌ଙ୍କ ଓଡ଼ିୟା ବ୍ୟାକରଣ (୧୮୩୧) ଏହି ମାନଦଣ୍ଡ ଆଧାରିତ ପ୍ରଥମ ସଂକେତ।

**ବିଷୟର ଆଲୋଚନା:** ଆଧୁନିକ ଓଡ଼ିଆ ଅଭିଧାନ ନିର୍ମାଣର ପ୍ରଥମ ପ୍ରଣକ ଜନ୍ ଲେଡେନ୍, ୧୮୦୬ ମସିହା (ରଥ:୨୦୨୩:୨୧)। ସମକାଳରେ ଫୋର୍ଟ ୱିଲିଅମ୍ କଲେଜରେ ବଙ୍ଗଳା A Vocabulary, Bengali and English (୧୮୧୦) ଓ ଓଡ଼ିଆ ୧୮୧୧ ମସିହାରେ ମୋହନ ପ୍ରସାଦ ଠାକୁରଙ୍କ A Vocabulary, oriya and English, For the use of Student ପ୍ରକାଶ ପାଏ। (ଦାଶ:୨୦୨୧:୧୯) ମୁଦ୍ରାଯନ୍ତ୍ର ଓ କାଗଜ ବ୍ୟବହାର କରି ଓଡ଼ିଆରେ ପ୍ରକାଶିତ ଏହା ଦ୍ୱିତୀୟ ଏବଂ ଭାଷା ବିଷୟକ ପ୍ରଥମ ପୁସ୍ତକ। କଲିକତା ନିକଟସ୍ଥ ଶ୍ରୀରାମପୁରସ୍ଥିତ ବ୍ୟାପଟିଷ୍ଟ ମିସନାରୀ ସୋସାଇଟି ଏହାର ଜନ୍ମସ୍ଥାନ। ବହିର ପୃଷ୍ଠା ସଂଖ୍ୟା ୨୧୮। କେବଳ ପାଠ ୨୦୩ ପୃଷ୍ଠାରେ ରହିଛି। ଏହାର ପ୍ରତିପୃଷ୍ଠାରେ ୨୬ ଧାଡ଼ିର ଲେଖା ରହିଛି। ଓଡ଼ିଆ ଅକ୍ଷରଗୁଡ଼ିକ ଇଂରାଜୀ ଅକ୍ଷରଗୁଡ଼ିକ ତୁଳନାରେ ସାମାନ୍ୟ ବଡ଼। କୃତିକୁ ସ୍ରଷ୍ଟା ରେଭରେଣ୍ଡ ୱିଲିଅମ୍ କେରିଙ୍କୁ ଉତ୍ସର୍ଗ କରିଛନ୍ତି।

ମୋହନ ପ୍ରସାଦ ତାଙ୍କ ଭୋକାବୁଲାରୀକୁ ମୋଟ ୩୨ଟି ବର୍ଗରେ ବିଭକ୍ତ କରିଛନ୍ତି। ବର୍ଗ ଅନୁସାରେ ଏହାର ଶବ୍ଦସଂଖ୍ୟା ହେଉଛି of God:10, of spirit:06, of the universe:143, of the sex and age of man:25, of Kindred and affinity:79, Parts of the body:117, Accidents of the Body and the Soul:110, Natural senses and their objects:50, of Diseases:84, of remedies in general: 19, Meteria medica:310, of Quadrunpeds: 77, of Birds:67, of Fishes:26, of Insects:42, Of useful Trees and Plants:197, of metals and Stones:30, of Apparels:44, of food:53, of House and Furniture:119, Of Trades and Professions:95, of Court of Justice:137, Of a School: 50, of a kingdom: 78, Virtues and Vices:142, Adjectives of Man: 236, Of Arts and Sciences:917, Of Ecclesiastical Matter:143, Verbs: 666, Adverbs: 298. ଏବଂ ସଂକଳିତ ଶବ୍ଦ ସଂଖ୍ୟା ୪୫୩୫।(ଦାଶ:୨୦୨୧:୧୫-୧୬) କିନ୍ତୁ କେତେକ ସ୍ଥାନରେ ଏକାଧିକ ଓଡ଼ିଆ ଶବ୍ଦ ପାଇଁ ଗୋଟିଏ ଇଂରାଜୀ ଶବ୍ଦ ବ୍ୟବହାର କରାଯାଇଛି। ଯେପରି ସର୍ବଜ୍ଞାନ, ଶର୍ବଜାନ – Omniscient (ଠାକୁର:୧୮୧୧:୧) ଏବଂ ପିତ୍ତ (Kidney), ପିତ୍ତ (Bile) ଭାବରେ ଲେଖାଯାଇଛି। (ଠାକୁର:୧୮୧୧:୧୮)। ତେଣୁ ମୂଳଶବ୍ଦ (root word) ସଂଖ୍ୟାକୁ ୪୫୩୫ ବଦଳରେ ୪୭୩୧ କୁହାଯାଇପାରେ। ସେହିପରି ବର୍ଣ୍ଣକ୍ରମରେ ଅନୁଶୀଳନ କଲେ ଏଥିରେ ସ୍ୱରବର୍ଣ୍ଣରେ ୬୩୬ ଶବ୍ଦ ଓ ବ୍ୟଞ୍ଜନ ବର୍ଣ୍ଣରେ ୪୦୯୫ ସଂଖ୍ୟକ ଶବ୍ଦ ସଂକଳିତ। ଊ, ଙ, ଞ, ଣ, ଳ ବର୍ଣ୍ଣରେ କୌଣସି ଶବ୍ଦ ନାହିଁ। ଔ ବର୍ଣ୍ଣରେ ସର୍ବନିମ୍ନ ୨ଟି ଶବ୍ଦ (ଔଚ୍ଛତା, ଔଦାର୍ଯ୍ୟ) ଏବଂ ପ ବର୍ଣ୍ଣରେ ସର୍ବାଧିକ ୪୫୨ଟି ଶବ୍ଦ ରହିଛି। ଏହି ପୁସ୍ତକରେ Verbs ଏବଂ Adverb ବର୍ଗର ଶବ୍ଦ ସଜ୍ଜୀକରଣ ରୀତି ଆଦ୍ୟ ଅକ୍ଷରାନୁକ୍ରମିକ। ଏବଂ କ୍ଷ ବର୍ଣ୍ଣାଦ୍ୟ ଶବ୍ଦଗୁଡ଼ିକ କ୍ରମଶେଷରେ ରହିଛି, ଅନ୍ୟ ଅଭିଧାନ ପରି କ ବର୍ଣ୍ଣାଦ୍ୟ ଶବ୍ଦ (କ+ଷ=କ୍ଷ)ର ମଝିରେ ନୁହେଁ। ଓଡ଼ିଆ ବର୍ଣ୍ଣମାଳାରେ କ୍ଷ ବର୍ଣ୍ଣ ସ୍ୱାତନ୍ତ୍ର୍ୟର ଏହା ସ୍ୱୀକୃତି। (ଦାଶ:୨୦୨୩:୧୬)

ମୋହନପ୍ରସାଦ ଠାକୁରଙ୍କ ଏହି ପୁସ୍ତକ ବିଦେଶୀ ଅଧ୍ୟାୟୀଙ୍କ ଶବ୍ଦ-ଅବବୋଧ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ପ୍ରକୃତରେ ଏହା ଗଠନକୁ ଅନୁଧ୍ୟାନ କଲେ ଦେଖାଯାଏ, ଏହା ବିଷୟଭିତ୍ତିକ ଶବ୍ଦଗୁଡ଼ିକର ଏକ ତାଲିକା ବା ୱାର୍ଡ୍ ବୁକ୍। ତିନୋଟିସ୍ତମ୍ଭରେ ଓଡ଼ିଆ ଲିପିରେ ଓଡ଼ିଆ ଶବ୍ଦ, ରୋମାନ ଲିପିରେ ଓଡ଼ିଆ ଶବ୍ଦର ଉଚ୍ଚାରଣ ଏବଂ ଶେଷ ସ୍ତମ୍ଭରେ ଓଡ଼ିଆ ଶବ୍ଦର ଇଂରାଜୀ ପ୍ରତିଶବ୍ଦ ରହିଛି। ଫଳରେ ଜଣେ ଓଡ଼ିଆ ଶବ୍ଦ ଶୁଣି ବା ପଢ଼ି ଏହାକୁ ବୁଝିପାରିବ। ତେଣୁ ଏହା ଏକ ଦ୍ୱିଭାଷୀ ଶବ୍ଦ ସଂଗ୍ରହ ବା ୱାର୍ଡବୁକ୍ । (ଦାଶ:୨୦୨୩:୧୪-୧୫) ଏହା ଇଂରାଜୀ ପାଦ୍ରୀ/ପ୍ରଶାସକମାନଙ୍କ ପାଇଁ ଲିଖିତ ବୋଲି ଓଡ଼ିଆ ଶବ୍ଦର ଇଂରାଜୀ ଉଚ୍ଚାରଣ ଲେଖନରୁ ସହଜରେ ବୁଝାପଡ଼େ।

ଓଡ଼ିଆ ଶବ୍ଦମାଳାର ପ୍ରଥମ ସଂଗ୍ରାହକ କିଏ? ଏହାର ଉତ୍ତର, ମୋହନପ୍ରସାଦ ଠାକୁର ନୁହନ୍ତି, ଗଦାଧର ତର୍କବାଗୀଶ। ଗଦାଧର ଫୋର୍ଡ ୱିଲିଅମ୍ କଲେଜରେ ସବ୍ ଅର୍ଡିନେଟ୍ ମୁନ୍‌ସି ପଦରେ ୧୮୦୫-୧୮୩୦ ମସିହା ପର୍ଯ୍ୟନ୍ତ କାମ କରିଥିଲେ। ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ବଙ୍ଗଳା ବ୍ୟାକରଣକୁ

DOI: 10.70541/BAGEESHA/2025030402

VOL NO 03 ISSUE NO 04

ଅନୁସରଣ କରି ଗଦାଧର ଓଡ଼ିଆ ବ୍ୟାକରଣ (୧୮୦୬) ରଚନା କରିଥିଲେ। ଏହାର ଶେଷରେ ସେ ଏକ ଚତୁର୍ଭାଷିକ ଶବ୍ଦମାଳା ଦେଇଥିଲେ। ଏହି ଶବ୍ଦ ସଂଖ୍ୟା ହେଉଛି ତିନିଶହ ବୟାଅଶି। (ଦାଶ:୨୦୨୩:୧୭) ଶବ୍ଦମାଳାର ଭାଷାଗୁଡ଼ିକ ସଂସ୍କୃତ, ବଙ୍ଗଳା, ପ୍ରାକୃତ ଓ ଓଡ଼ିଆ କ୍ରମରେ ଲେଖାଯାଇଛି। (ରଥ:୨୦୨୩: ପରିଶିଷ୍ଟ୬)

ଇଣ୍ଡିଆ ଅଫିସ ଲାଇବ୍ରେରୀର ପ୍ରଥମ ଭଲ୍ୟୁମ୍‌ର କେଟଲଗର ପୃଷ୍ଠା ୩୯୫ରେ ଲେଖା ଅଛି An Extensive Vocabulary of Bengali, English and Udiya, 2 Vols, Caucutta, 1793। ଏହା ପଢ଼ିଲା ପରେ ଜଣକୁ ଏହି ତ୍ରିଭାଷିକ ଅଭିଧାନଟି ଓଡ଼ିଆ ଭାଷାର ପ୍ରଥମ ଅଭିଧାନ ମନେହେବା ସ୍ୱାଭାବିକ। ବଙ୍ଗୀୟ ଗବେଷକ ସଜନୀକାନ୍ତ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି – "ବ୍ରିଟିଶ୍ ଲାଇବ୍ରେରୀରେ ଥିବା ଏହି ବହିର ମାଲିକ ହେଉଛନ୍ତି ରେଭରେଣ୍ଡ ୱିଲିଅମ୍ ବ୍ରୁକ୍ସ। ବ୍ରୁକ୍ସ ସାହେବ ୧୮୪୧ରୁ ୧୮୮୧ ପର୍ଯ୍ୟନ୍ତ ଓଡ଼ିଶାର କଟକ ମିସନ ପ୍ରେସରେ ରହିଥିଲେ। ଆମୋସ ସଟନଙ୍କୁ ସହାୟତା କରିବା ପାଇଁ ସେ ୧୮୪୧ରେ ଓଡ଼ିଶା ଆସିଥିଲେ। ୧୮୪୨ରୁ ପ୍ରାୟ ୪୦ ବର୍ଷ ଧରି ସେ କଟକ ମିସନ ପ୍ରେସର ଅଧକ୍ଷ ରହିଥିଲେ। ସେ ୧୮୭୪ ମସିହାରେ An Oriya and English Dictionary ପ୍ରସ୍ତୁତ କରିଥିଲେ। ସେହି କାମ କରିବା ବେଳେ ବୋଧହୁଏ ସେ ଆପଜନ୍‌ଙ୍କ ବଙ୍ଗାଳୀ-ଇଂରାଜୀ ଅଭିଧାନକୁ ବ୍ୟବହାର କରିଛନ୍ତି। ଫଳରେ ବହିର ପ୍ରତ୍ୟେକ ଇଂରାଜୀ ଶବ୍ଦ ପାର୍ଶ୍ୱରେ ଓଡ଼ିଆ ପ୍ରତିଶବ୍ଦ ରହିଛି। ୧୮୮୮ ମସିହା ବେଳେ ଇଣ୍ଡିଆ ଅଫିସର କେଟଲଗ ପ୍ରସ୍ତୁତକର୍ତ୍ତା ବ୍ରୁକ୍ସଙ୍କ ସଂଗ୍ରହରୁ ଏହି ବହିଟି ପାଇ An Extensive Vocabulary of Bengali, English and Udiya ନାମରେ ଉଲ୍ଲେଖ କରିଛନ୍ତି। ବହିର ପ୍ରଥମ ପୃଷ୍ଠାରେ ଥିବା and Udiya ଛପା ଅକ୍ଷର ନୁହେଁ, ଏହା ହାତଲେଖା। କାଟଲଗ୍‌ରେ ଏହାର ପ୍ରକାଶନ କାଳ ୧୭୯୩ ଲେଖାଯାଇଛି। କିନ୍ତୁ ଅନ୍ୟପଟେ ୧୮୦୮ ଯାଏଁ ଓଡ଼ିଆର ସଚଳ ଅକ୍ଷର ଛାପାଖାନା ପାଇଁ ପ୍ରସ୍ତୁତ ହୋଇନଥିଲା । (ରଥ:୨୦୨୩:ଏଷଣା-୨୬-୨୮) ତେଣୁ କାଟଲଗ୍‌ରେ ଉଲ୍ଲେଖ ଥିବା ପୁସ୍ତକଟି ବଙ୍ଗଳା-ଇଂରାଜୀ ଭୋକବୁଲାରୀ, ଯାହା ୧୭୯୩ ମସିହାରେ ପ୍ରକାଶ ପାଇଥିଲା। ପ୍ରଥମ ଓଡ଼ିଆ ଅଭିଧାନ ସମ୍ପର୍କରେ ଏହା ଏକ ଭ୍ରାନ୍ତି ବୋଲି ଯଥାର୍ଥରେ ସନ୍ତୋଷ କୁମାର ରଥ କହିଛନ୍ତି।

ଊନବିଂଶ ଶତାବ୍ଦୀରେ ପ୍ରାୟ ପ୍ରତ୍ୟେକ ଆଧୁନିକ ଭାରତୀୟ ଭାଷାରେ ଇଂରେଜମାନଙ୍କ ଦ୍ୱାରା ଅଭିଧାନ ସଂକଳନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଆ ଭାଷାରେ ପାଦ୍ରୀ ରେଭରେଣ୍ଡ ଆମସ୍ ସଟନ୍ ଏହି ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ପ୍ରଥମେ ଆପଣା ଭାଷାର ଶବ୍ଦ ସଂକଳନ ପ୍ରଣାଳୀ ଅନୁସରଣରେ ଓଡ଼ିଆ ଭାଷାର ଶବ୍ଦଗୁଡ଼ିକୁ ଯଥାସାଧ ସଂକଳନ କରି ଅଭିଧାନ ପ୍ରକାଶ କରିବା ପାଇଁ ଉଦ୍ୟମ କରିଥିଲେ। ସଟନ୍ ସାହେବ ଭୁବନାନନ୍ଦ ନ୍ୟାୟାଳଙ୍କାରଙ୍କ ସହ ମିଳିତ ଉଦ୍ୟମରେ ସଂକଳିତ Oriya Dictionary in three volumesର ପ୍ରଥମ ଭାଗ English to Oriya Dictionary ଗ୍ରନ୍ଥ ୧୮୪୧ ମସିହାରେ ପ୍ରକାଶ ପାଇଥିଲା। ଦ୍ୱିତୀୟ ଭାଗରେ An Oriya Dictionary with Oriya Synonyms (୧୮୪୩) ଓ ତୃତୀୟ ଭାଗରେ An Oriya and English Dictionary, Official terms and a list of Materia Medica (୧୮୪୩) ଭାବରେ ପ୍ରକାଶ ପାଇଥିଲା। କିନ୍ତୁ ସଟନ୍ ସାହେବଙ୍କ ଅଭିଧାନ ପ୍ରସ୍ତୁତି ପଥ ଏତେ ସୁଗମ ନଥିଲା। ଉପଯୁକ୍ତ ସହଯୋଗୀଟିଏ ପ୍ରଥମେ ପାଇନଥିବାରୁ ଓଡ଼ିଆ ଭାଷା ବୁଝିବା ଓ ଶବ୍ଦ ସଂଗ୍ରହ ପାଇଁ ତାଙ୍କ ପକ୍ଷରେ କେତେ କଷ୍ଟଦାୟକ ହୋଇଥିଲା, ଏହା ପ୍ରଥମ ଭାଗର ମୁଖବନ୍ଧରେ ସେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି – "ଲେଖକ ଏପର୍ଯ୍ୟନ୍ତ କୌଣସି ପ୍ରାଚ୍ୟ ଭାଷାର ଏକ ଅଭିଧାନ ଦେଖିନାହାଁନ୍ତି ଯାହା ତାଙ୍କ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରିପାରିବ। ତେଣୁ ତାଙ୍କର କୌଣସି ଆଶା ନାହିଁ ଯେ ଏହି ପ୍ରଥମ ପ୍ରୟାସ ଅନ୍ୟମାନଙ୍କୁ ପୂର୍ଣ୍ଣ ସନ୍ତୋଷ ପ୍ରଦାନ କରିବ। ଏହାକୁ ଶ୍ରଦ୍ଧାରସହ ଗ୍ରହଣ କରାଯାଉ ଓ ବ୍ୟବହାର କରାଯାଉ, ଏହା ନିଶ୍ଚିତ ଭାବରେ ବିନା ଦୀର୍ଘ ପରିଶ୍ରମରେ ଛାତ୍ରମାନଙ୍କୁ କିଛି ସହାୟତା ଯୋଗାଇବ ପାରିବ। ଲେଖକ ନିଜେ ସେହି କାର୍ଯ୍ୟକୁ ସଂକଳନ କରି ଅନେକ କିଛି ଶିଖିଛନ୍ତି ଯାହା ବିଷୟରେ ସେ ପୂର୍ବରୁ ଅଜ୍ଞ ଥିଲେ; ଏବଂ ବର୍ତ୍ତମାନ ସେ ଶେଷପୃଷ୍ଠା ଲେଖୁଛନ୍ତି ଯଦି ସେ ପୁଣିଥରେ ତାଙ୍କର ପଦକ୍ଷେପଗୁଡ଼ିକ ନେଇ ପୁନର୍ବାର କାମ ଆରମ୍ଭ କରିପାରନ୍ତେ, ତେବେ ସେ ନିଶ୍ଚିତ ଭାବରେ ଅନେକ ସୁଧାର ଆଣିପାରନ୍ତେ । (ସଟନ୍,ଭାଗ୧:୧୮୪୧: ମୁଖବନ୍ଧ :୧)" ସଟନ୍‌ଙ୍କ ଏହି ଉକ୍ତି ହିଁ ସ୍ପଷ୍ଟ କରୁଛି ଯେ, ତାଙ୍କ କାମରେ ଅନେକ ତ୍ରୁଟି ରହିଯାଇଛି। ଯାହା ସେ ପରବର୍ତ୍ତୀ ସମୟରେ ହୃଦୟଙ୍ଗମ କରୁଛନ୍ତି। ସଟନ୍ ସାହେବ ମଧ୍ୟ ଓଡ଼ିଆ ଭାଷାର ଗୁରୁତ୍ୱ ଉପଲବ୍ଧି କରିଛନ୍ତି। କିନ୍ତୁ ସେହି ସମୟରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। "ଯେଉଁମାନେ ବଙ୍ଗାଳି ଓ ହିନ୍ଦୁସ୍ଥାନୀ ଭାଷା ସହିତ ପରିଚିତ, ସେମାନେ ବୋଧହୁଏ ଆଶ୍ଚର୍ଯ୍ୟ ହେବେ ଯେ ଏଠାରେ ବେଶ କମ୍ ଶବ୍ଦ ଅଛି ଯାହା ସେମାନେ ଅପରିଚିତ। ଏଥିରୁ ସେମାନେ ଏହା ମନେକରିପାରନ୍ତି ଯେ, ଓଡ଼ିଆ ଭାଷା ପାଇଁ ଏକ ଆଲଗା ଅଭିଧାନ ପ୍ରସ୍ତୁତ କରିବା ଅନାବଶ୍ୟକ। ଏପରି ମନେକରିବା ଏକ ତ୍ୱରିତ ମତଗ୍ରହଣ। ଲେଖକ ଚାହିଁଲେ ଓଡ଼ିଆ ଭାଷାରେ ଥିବା ଭିନ୍ନତାକୁ ସ୍ପଷ୍ଟ ଭାବେ ଦେଖାଇପାରିଥାନ୍ତେ। ଦଶ ବର୍ଷ ପୂର୍ବରୁ ପ୍ରକାଶିତ ତାଙ୍କ ଓଡ଼ିଆ ବ୍ୟାକରଣର ମୁଖବନ୍ଧରେ ଲେଖକ ଏହି ମତ ପ୍ରକାଶ କରିଥିଲେ, ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଓ ମୌଳିକ ଭାଷା । ପୂର୍ବେ ଏହା ଗୋଟିଏ ଅପରିଷ୍କୃତ, ଅଣବିକଶିତ ଅବସ୍ଥାରେ ରହିଥିଲା ଏବଂ ସ୍ୱତନ୍ତ୍ର ଭାଷାର ଭାବେ ଅପେକ୍ଷିତ ସମସ୍ତ ଉପାଦାନ ନିଜ ମଧ୍ୟରେ ଧାରଣ କରିଥିଲା। କିନ୍ତୁ ସମୟ ସହିତ, ବଙ୍ଗାଳି ଭାଷା ପରି, ଓଡ଼ିଆ ଭାଷା ସଂସ୍କୃତରୁ ଏତେ ଅଧିକ ଶବ୍ଦ ଗ୍ରହଣ କରିଛି ଯେ, ବର୍ତ୍ତମାନ ବ୍ୟବହୃତ ଶବ୍ଦମାନଙ୍କର ନବେଭାଗ ଅର୍ଥ ସମାନ ଓ ବଙ୍ଗାଳି ଶବ୍ଦକୋଷରୁ ମିଳିଯିବ।" (ସଟନ୍, ଭାଗ୧:୧୮୪୧: ମୁଖବନ୍ଧ:୧)"

DOI: 10.70541/BAGEESHA/2025030402

VOL NO 03 ISSUE NO 04

ଏହି ଅଭିଧାନ ପ୍ରସ୍ତୁତ ବେଳେ ସେ ଜନସନ୍‌ଙ୍କ ଇଂରାଜୀ ଅଭିଧାନ (୧୭୫୫) ଓ ମାର୍ସମାନଙ୍କ ବଙ୍ଗାଳୀ- ଇଂରାଜୀ ଅଭିଧାନ (୧୮୨୮)ର ସହାୟତା ନେଇଥିବା ସ୍ପଷ୍ଟ କରିଛନ୍ତି। ଏପରିକି, ଇଂରାଜୀ ଶବ୍ଦର ଓଡ଼ିଆ ଶବ୍ଦ ଖୋଜିଛନ୍ତି ଏବଂ ନିକଟତମ ଅର୍ଥ ଯୋଡ଼ିବାକୁ ଚେଷ୍ଟାକରିଛନ୍ତି। କିନ୍ତୁ ସ୍ଥଳ ବିଶେଷରେ ସେ ମାର୍ସମାନଙ୍କ ବଙ୍ଗାଳୀ ଶବ୍ଦକୁ ବ୍ୟବହାର କରିଛନ୍ତି। ତେବେ ଇଂରାଜୀ ଶବ୍ଦ ପାଇଁ ସଟନ୍ ସାହେବ ଜନ୍‌ସନ୍‌ଙ୍କ ଅଭିଧାନକୁ ମୁଖ୍ୟ ସାଧାନ ଭାବେ ଗ୍ରହଣ କରିଛନ୍ତି। “ଜନ୍‌ସନ୍‌ଙ୍କ ଶବ୍ଦକୋଷରେ ଥିବା ସମସ୍ତ ଶବ୍ଦକୁ ଏଠି ଅନୁବାଦ କରିବା ବା ତାଙ୍କର ଓଡ଼ିଆ ପଦବାଚ୍ୟ କରିବା ଆବଶ୍ୟକ ବୋଲି ଲେଖକ ମନେ କରିନାହାନ୍ତି । ବଦଳରେ, ସେ ସବୁଠୁ ବ୍ୟବହାରଯୋଗ୍ୟ ଓ ଉପଯୁକ୍ତ ଶବ୍ଦଗୁଡ଼ିକୁ ବାଛିଛନ୍ତି ଓ ଯେଉଁଠି ଆବଶ୍ୟକ, ସେଠି ସେମାନଙ୍କର ବିଭିନ୍ନ ଅର୍ଥ ଅନୁଯାୟୀ ଉପସ୍ଥାପନ କରିଛନ୍ତି। ମାର୍ସମ୍ୟାନଙ୍କ ନୂତନ ବଙ୍ଗାଳୀ-ଇଂରାଜୀ ଶବ୍ଦକୋଷର ଏକ କପି ପାଇବା ପରେ, ତାଙ୍କ ନିଜ ବଛାବଛିକୁ ଛାଡ଼ି ପ୍ରାୟତଃ ମାର୍ସମ୍ୟାନ୍‌ଙ୍କ ଶବ୍ଦକୋଷ ଓ ଏକ ବଙ୍ଗାଳୀ-ମଣିପୁରୀ ଶବ୍ଦାବଳୀରୁ ଶବ୍ଦ ବାଛିଛନ୍ତି। ମାର୍ସମ୍ୟାନଙ୍କ ପ୍ରତି ତାଙ୍କର ଋଣସ୍ୱୀକାର ଅନେକ, କେବଳ ଇଂରାଜୀ ଶବ୍ଦଗୁଡ଼ିକ ଅନୁସୂଚୀ ପାଇଁ ନୁହେଁ, ବରଂ ସେମାନଙ୍କ ଦ୍ୱାରା ଯଥାଯଥ ଉପଯୁକ୍ତ ବଙ୍ଗାଳୀ ଅନୁବାଦଗୁଡ଼ିକୁ ମଧ୍ୟ ମୁକ୍ତ ଭାବରେ ଗ୍ରହଣ କରିବା ପାଇଁ। ସଂକ୍ଷେପରେ କହିବାକୁ ଗଲେ, ଲେଖକ ଯାହା ଉପକାରୀ, ତାକୁ ଗ୍ରହଣ କରିଛନ୍ତି, କାରଣ ସେ ଏହାକୁ ମୌଳିକ କୃତି ତୁଳନାରେ ଏକ ପ୍ରୟୋଜନମୂଳକ କାର୍ଯ୍ୟ ରୂପେ ଦେଖିଛନ୍ତି।” (ସଟନ୍,ଭାଗ-୧: ୧୮୪୧: ମୁଖବନ୍ଧ: ୨)

ସଟନ୍‌ଙ୍କ ଓଡ଼ିଆ ଅଭିଧାନକୁ ଦେଖିଲେ ଜଣାଯାଏ, ଏଥିରେ କେବଳ ଓଡ଼ିଆ ଶବ୍ଦର ସମଭାଷୀ ପ୍ରତିଶବ୍ଦ ଦିଆଯାଇଛି। ସାମୁଏଲ୍ ଜନ୍‌ସନ୍‌ଙ୍କ ମାନଦଣ୍ଡକୁ ମଧ୍ୟ ଏହା ପୂରଣ କରୁନାହିଁ । କାରଣ ଏଥିରେ ପଦନିର୍ଣ୍ଣୟ, ବ୍ୟୁତ୍ପତ୍ତି ଓ ବ୍ୟବହାର ନାହିଁ । କିନ୍ତୁ ଏଥି ପାଇଁ ସେ ସମ୍ମୁଖୀନ ହୋଇଥିବା ସମସ୍ୟା ବିଷୟରେ ଅଭିଧାନର ମୁଖବନ୍ଧରେ ପାଠକକୁ ଅବଗତ କରାଇଛନ୍ତି। “ସମସ୍ତ ଅଣବିକଶିତ ଭାଷାମାନଙ୍କ ମଧ୍ୟରେ ଶବ୍ଦଲିଖନରେ ବିଭିନ୍ନତା ଦେଖିବାକୁ ମିଳେ; ଓଡ଼ିଆ ଭାଷାରେ ଏହି ପ୍ରବୃତ୍ତି ବିଶେଷ ଭାବରେ ଦେଖାଯାଏ। ଏହି ଭାଷାର ଅନେକ ଶବ୍ଦ ଏମିତି ଭିନ୍ନ ଭିନ୍ନ ଭାବରେ ଲେଖାଯାଏ ଯେ, ଜଣେ ବ୍ୟକ୍ତି ଅନ୍ୟଜଣଙ୍କ ଲେଖା ପଢ଼ିବାରେ ଅସୁବିଧାରେ ପଡ଼ନ୍ତି। ଏଥିରୁ ସ୍ପଷ୍ଟ ହୁଏ ଯେ, ଭାଷାର ଉନ୍ନତି ପାଇଁ ପ୍ରଥମପାଦ ହେଉଛି ତାହାର ନିର୍ଣ୍ଣିତ ଶବ୍ଦଲିଖନଧାରା ପ୍ରସ୍ତୁତ କରିବା। ଏହି କ୍ଷେତ୍ରରେ ଏହି ଶବ୍ଦକୋଷ ରଚନାକାରୀର ଲକ୍ଷ୍ୟ ଏହା ହିଁ ଥିଲା। ଏଥିରେ ସେ ପଣ୍ଡିତ ଭୁବନାନନ୍ଦ ନ୍ୟାୟ ଅଳଙ୍କାରଙ୍କର ପ୍ରମୁଖ ସହାୟତା ପାଇଛନ୍ତି। ଓଡ଼ିଆ ଶବ୍ଦର ଅର୍ଥବ୍ୟାଖ୍ୟା ବୁଦ୍ଧିମାନ ପଣ୍ଡିତମାନଙ୍କପାଇଁ ସାଧାରଣତଃ ଆବଶ୍ୟକ ନୁହେଁ; ତଥାପି ଯେଉଁମାନେ ଏହି ଭାଷା ଅଧ୍ୟୟନ କରୁଛନ୍ତି, ସେମାନେ ଦେଶଜ ବୁଝନ୍ତୁ କି ବିଦେଶୀ, ନିଶ୍ଚିତ ଭାବେ ଏଥିରୁ ଉପକୃତ ହେବେ। ” (ସଟନ୍, ଭାଗ୨: ୧୮୪୩: ମୁଖବନ୍ଧ: ୧)

ଶବ୍ଦରୂପର ବିବିଧତା ଅଭିଧାନର ପ୍ରସ୍ତୁତିରେ ସଟନଙ୍କ ପାଇଁ ସମସ୍ୟା ସୃଷ୍ଟି ଅନ୍ୟ କାମର ଚାପରେ ରହିଥିଲେ। ମାତ୍ର ଏହି ଅଭିଧାନ ପ୍ରସ୍ତୁତିକୁ କେବେ ବନ୍ଦ କରିନଥିଲେ। ମଉଜ କରିବାକୁ ସମୟ ବି ପାଇନାହାନ୍ତି। ସେଭଳି କୌଣସି ସହାୟତା ମିଳିନାହିଁ। ପୁଣି ବର୍ଷ କଠିଣ ପରିଶ୍ରମ ପରେ ଅଭିଧାନ ପାଇଁ କରିଥିବା କାମ ମୂଲ୍ୟହୀନ ମନେହୋଇଥିବା ନେଇ ସେ ସୂଚନା ଦେଇଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରିଛନ୍ତି ।“କେବଳ ପଣ୍ଡିତ ଭୁବନାନନ୍ଦଙ୍କ ବ୍ୟତୀତ ଅନ୍ୟ କାହାଠାରୁ ତାଙ୍କୁ ସହାୟତା ମିଳିନାହିଁ। ଯେତେବେଳେ ସେ ଓଡ଼ିଆ ଭାଷାଶିକ୍ଷା ଅଭ୍ୟାସ ଆରମ୍ଭ କରିଥିଲେ, ଅନ୍ୟମାନଙ୍କ ପରି ସେ ଏକ ଶବ୍ଦକୋଷ ପ୍ରସ୍ତୁତ କରିବା ଚେଷ୍ଟା କରିଥିଲେ; କିନ୍ତୁ ଅନେକ ବର୍ଷ ପରେ ତାହା ମୂଲ୍ୟହୀନ ବୋଲି ବୁଝିପାରି ତାହାକୁ ପରିତ୍ୟାଗ କରିଦେଇଥିଲେ। ବାସ୍ତବରେ, ସେ ଅନୁଭବ କରିଥିଲେ ଯେ, ଉତ୍ତମ ଜ୍ଞାନଯୁକ୍ତ ଦେଶୀୟବ୍ୟକ୍ତିଙ୍କ ସହାୟତା ବିନା ଏହା ସମ୍ଭବ ନୁହେଁ । ତାଙ୍କ ପାଖରେ ଥିବା ତଥ୍ୟ ସାହାଯ୍ୟରେ ଏକ ଅସମ୍ପୂର୍ଣ୍ଣ ଓଡ଼ିଆ ଅଭିଧାନ ଓ ବଙ୍ଗଳା ଶବ୍ଦକୋଷର ଅନୁବାଦ ଭଳି ଅଭିଧାନ ପ୍ରସ୍ତୁତ କରିବା ବ୍ୟତୀତ ଅନ୍ୟକିଛି ସମ୍ଭବ ନୁହେଁ। ସେ ପୁଣିଥରେ କାମ ଆରମ୍ଭ କରିଥିଲେ। ଦେଶୀ ଗ୍ରନ୍ଥମାନରୁ ଶବ୍ଦ ସଂଗ୍ରହ କରି ଯେଉଁଠାରେ ସମ୍ଭବ ସେ ସେଠାରେ ଦେଶଜ ଶବ୍ଦ ଯୋଡ଼ିଥିଲେ। ଏହିପରି ଭାବରେ ଶେଷ ଦୁଇ ଖଣ୍ଡର ଆଧାର ତିଆରି ହୋଇଥିଲା। (ସଟନ୍, ଭାଗ-୩: ୧୮୪୩: ମୁଖବନ୍ଧ: ୩)

ଯେଉଁ ଶବ୍ଦଗୁଡ଼ିକ ସଂଗ୍ରହ କରାଯାଇଥିଲା ସେଗୁଡ଼ିକର ସଂଖ୍ୟା ଏବେ ପ୍ରକାଶିତ ଶବ୍ଦପୁଞ୍ଜୀର ଦୁଇ ଗୁଣା। ତଥାପି, ଯେଉଁ ଶବ୍ଦସବୁ ଉପକାରୀ ହେବା ସମ୍ଭାବନା ସେଗୁଡ଼ିକୁ ହିଁ ବ୍ୟବହାର କରାଯାଇଥିଲା। କାମକୁ ଅନାବଶ୍ୟକ ଭାବରେ ବଡ଼ କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା, ଅନେକ ଅପ୍ରୟୋଜନୀୟ ଶବ୍ଦ ଅଭିଧାନରେ ସ୍ଥାନ ପାଇଛି। ଏହା ନିଃସନ୍ଦେହ ଯେ, ଅନେକ ଉପଯୋଗୀ ଓଡ଼ିଆ ଶବ୍ଦ ଅସଂଗୃହୀତ ରହିଯାଇଛି। ସଂପାଦକ କେବଳ ଏତିକି କହିପାରିବେ, ସେ ତାଙ୍କର ଉପଲବ୍ଧ ପରିସ୍ଥିତି ଅନୁଯାୟୀ ସର୍ବୋତ୍ତମ ପ୍ରୟାସ ସେ କରିଛନ୍ତି। କିନ୍ତୁ ଅଧିକ ସୁବିଧା ଓ ଅଧିକ ଅବସର ମିଳିଥିଲେ, ସେ ଅଧିକ ଉଚ୍ଚମାନର କାମ କରିପାରିଥାନ୍ତେ। ଓଡ଼ିଆ ଭାଷାର ଛାତ୍ରମାନେ ନୂତନ ଶବ୍ଦ ପାଆନ୍ତି କିମ୍ବା ବର୍ତ୍ତମାନ ପ୍ରକାଶିତ ଶବ୍ଦଗୁଡ଼ିକୁ ସୁଧାରିବା ପାଇଁ କୌଣସି ଉପାୟ ସୂଚନା ଦିଅନ୍ତି, ସେମାନଙ୍କ ନିକଟରେ ଋଣୀ ରହିବେ। ଯଦି ଭବିଷ୍ୟତରେ ଏହି କାମର ଉନ୍ନତ ସଂସ୍କରଣ ପ୍ରସ୍ତୁତ କରିବା ଆବଶ୍ୟକ ହୁଏ, ତେବେ ସେ ବା ତାଙ୍କର ଉତ୍ତରାଧିକାରୀମାନେ ସେଥିରେ ଏଗୁଡ଼ିକୁ ସଂଯୋଜନ ଓ ସୁଧାର ସହିତ ଏହାକୁ ପୁନର୍ବିଚାର କରିପାରିବେ।“ (ସଟନ୍, ଭାଗ-୩: ୧୮୪୩: ମୁଖବନ୍ଧ: ୩)

ସଟନ୍‌ଙ୍କ ଅଭିଧାନର ତୃତୀୟ ଖଣ୍ଡ ଓଡ଼ିଆ-ଇଂରାଜୀ ଅଭିଧାନ ଏବଂ ପ୍ରାୟ ୨୦ ହଜାରରୁ ଅଧିକ ଶବ୍ଦ ବିଶିଷ୍ଟ ଅଭିଧାନକୁ ସରଳ ଓ ବ୍ୟବହାର ଉପଯୋଗୀ କରିବା

DOI: 10.70541/BAGEESHA/2025030402

VOL NO 03 ISSUE NO 04

ପାଇଁ ଆପଣା ପଦକ୍ଷେପ ସଂପର୍କରେ ମୁଖବନ୍ଧରେ ସେ ଉଲ୍ଲେଖ କରିଛନ୍ତି। "ଏହି ଖଣ୍ଡଟି ଏପରି ଭାବରେ ବ୍ୟବସ୍ଥିତ କରାଯାଇଛି ଯେ, ସୁବିଧାଜନକ ଆକାରରେ ସବୁଠୁ ବେଶି ଶବ୍ଦ ସାମଗ୍ରୀ ରଖାଯାଇପାରିବ। ଏହି ଉଦ୍ଦେଶ୍ୟକୁ ଧ୍ୟାନରେ ରଖି, ଶବ୍ଦଗୁଡ଼ିକର ପଦ ନିର୍ଣ୍ଣୟ (part of speech) ଉଲ୍ଲେଖ ଛାଡ଼ି ଦିଆଯାଇଛି; କାରଣ, ସେଗୁଡ଼ିକ ମୂଳତଃ କେବଳ ଇଂରାଜୀ ଅର୍ଥବ୍ୟାଖ୍ୟା ପାଇଁ ସଠିକ୍ ଭାବେ ଲାଗୁ ହୁଏ। ଏଠି ଦିଆଯାଇଥିବା ପ୍ରାୟ ୨୦,୦୦୦ ଶବ୍ଦମଧ୍ୟରୁ ଅଧିକାଂଶ ସଂସ୍କୃତ କିମ୍ବା ସଂସ୍କୃତ ଉତ୍ପତ୍ତିଜନିତ ଶବ୍ଦ। ପରବର୍ତ୍ତୀ ଖଣ୍ଡରେ ଓଡ଼ିଶାର ଆଞ୍ଚଳିକ ଭାଷାର ଶବ୍ଦଗୁଡ଼ିକ ମଧ୍ୟ ରହିଛି। ଏହା ସହିତ କିଛି ହିନ୍ଦୁସ୍ଥାନୀ ଶବ୍ଦ ମଧ୍ୟ ଯୋଡ଼ାଯାଇଛି। ଏହି ହିନ୍ଦୁସ୍ଥାନୀ ବର୍ଗ ଶବ୍ଦଗୁଡ଼ିକୁ ସାଧାରଣତଃ ଏକ ତାରା (*) ଚିହ୍ନ ଦ୍ୱାରା ପୃଥକ୍ କରାଯାଇଛି।

ଯଦିଓ କ୍ଲାସିକାଲ୍ ଓଡ଼ିଆ ସାହିତ୍ୟରେ ଏହି ବାହ୍ୟ ଆଗତ ଶବ୍ଦଗୁଡ଼ିକୁ ଗ୍ରହଣ କରାଯାଇନଥାଏ, ତଥାପି ସେସବୁକୁ ଏତେ ବ୍ୟାପକ ଭାବେ ପ୍ରଚଳିତ ଭାଷାରେ ବ୍ୟବହୃତ ହେବା ଦେଖାଯାଏ ଯେ, ଏମିତି ଶବ୍ଦଗୁଡ଼ିକୁ ଛାଡ଼ି ଦେଇ କୌଣସି ଓଡ଼ିଆ ଲୋକଭାଷା ଶବ୍ଦକୋଷ ସମ୍ପୂର୍ଣ୍ଣ ହେବା ସମ୍ଭବ ନୁହେଁ। ଏଠି ସବୁଠୁ ବଡ଼ ସମସ୍ୟା ହେଉଛି—ସେମାନଙ୍କର ସୀମିତ ସଂଯୋଜନ କେଉଁ ପର୍ଯ୍ୟନ୍ତ କରାଯିବ ବୋଲି ନିର୍ଣ୍ଣୟ କରିବା।"(ସଟନ୍, ଭାଗ-୩: ୧୮୪୩: ମୁଖବନ୍ଧ:୫)

ସଟନ୍‌ଙ୍କ ଅଭିଧାନରେ ଶବ୍ଦର ବ୍ୟୁତ୍ପତ୍ତି, ବିକାଶକ୍ରମ, ପଦ ନିର୍ଣ୍ଣୟ ସମ୍ପର୍କରେ ଉଲ୍ଲେଖ ନାହିଁ। ସେ ଶବ୍ଦଗୁଡ଼ିକର କେବଳ ଅର୍ଥ ହିଁ ପ୍ରକାଶ କରିଛନ୍ତି। ସେତେବେଳେ ତାହା ହିଁ ତାଙ୍କର ଆବଶ୍ୟକତା ଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଶ୍ଚାତ୍ୟ ଶବ୍ଦ ସଂକଳନର ବର୍ଣ୍ଣାନୁକ୍ରମିକ ରୀତିକୁ ସେ ଦେଶୀୟ ଭାଷା ଓଡ଼ିଆରେ ପ୍ରଥମେ ପ୍ରୟୋଗ କରିଛନ୍ତି। ଫଳରେ ନୂତନ ଅଭିଧାନ ରଚନା ରୀତି ଓଡ଼ିଆ ଭାଷାରେ ଆରମ୍ଭ ହୋଇଛି।

ସଟନ୍ ଅଭିଧାନ ପ୍ରସ୍ତୁତ କରିବା ବେଳେ ନିଶ୍ଚିତ ଭାବରେ ଭାଷା, ଶବ୍ଦଚୟନ, ସମାର୍ଥ ଶବ୍ଦ ଖୋଜିବା ଓ ଯୋଡ଼ିବାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଇଂରାଜୀ ଶବ୍ଦ ସଂଗ୍ରହ କରିବା ପାଇଁ ଜନସନ୍‌ଙ୍କ ଅଭିଧାନକୁ ଆଧାର କରିଛନ୍ତି, କିନ୍ତୁ ତାଙ୍କ ଧାରାରେ ଅଭିଧାନକୁ ପ୍ରସ୍ତୁତ କରି ନାହାନ୍ତି। ଅକ୍ଷରକ୍ରମରେ ଶବ୍ଦ ସଜାଇଛନ୍ତି, କିନ୍ତୁ ଉଦାହରଣ, ବ୍ୟୁତ୍ପତ୍ତି ନିର୍ଣ୍ଣୟ, ପଦନିର୍ଣ୍ଣୟ ଆଦି କରିପାରି ନାହାନ୍ତି। ଫଳରେ ଜନ୍‌ସନ୍‌ଙ୍କ ଅଭିଧାନ ଜରିଆରେ ସୃଷ୍ଟି ମାନ ଓଡ଼ିଆ ଅଭିଧାନରେ ପ୍ରତିଫଳିତ ହୋଇପାରି ନାହିଁ।

ଏହାର ପ୍ରାୟ ପଚାଶ ବର୍ଷ ପରେ ଚତୁର୍ଭୁଜ ପଟ୍ଟନାୟକଙ୍କ ଶବ୍ଦନିଧି (୧୮୮୩) ଓ ଜଗନ୍ନାଥ ରାଓଙ୍କ ଦ୍ୱାରା ସଂକଳିତ ଉତ୍କଳ ଅଭିଧାନ (୧୮୯୧) ପ୍ରସ୍ତୁତିରେ ମୂଳ ଶବ୍ଦ ପରେ ଏହାର ବ୍ୟାକରଣିକ ରୂପ ସଂକେତ ଦିଆଗଲା। ଏଥିରେ ମୁଖ୍ୟତଃ ବିଶେଷ୍ୟ, ବିଶେଷଣ, ଅବ୍ୟୟ, କ୍ରିୟାବିଶେଷଣ, ସର୍ବନାମ, ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, ନପୁଂସକ ଲିଙ୍ଗ ରହିଥିଲା। କିନ୍ତୁ ଏଥିରେ ମଧ୍ୟ ଶବ୍ଦ ସଜ୍ଜୀକରଣ ସଂସ୍କୃତ ବ୍ୟାକରଣ ରୀତିରେ କରାଯାଇଛି। ଏହା ସହ ପ୍ରଥମ ଥର ପାଇଁ ଅଭିଧାନରେ ସ୍ୱତନ୍ତ୍ର ଭାବେ ଚିତ୍ରଲିପିମୂଳକ ଉପସ୍ଥାପନା ମଧ୍ୟ କରାଯାଇଛି। ହ ଅକ୍ଷର ଶବ୍ଦ ପରେ ପ୍ରାୟ ୧୬ ପୃଷ୍ଠାର ବିଭିନ୍ନ ଚିତ୍ର ରହିଛି। ଏଥିରେ ପକ୍ଷୀ, ପଶୁ, କୀଟପତଙ୍ଗ, ଜଳଜନ୍ତୁ, ବିଭିନ୍ନ ମତ୍ସ୍ୟ, ଅରକାୟ ଜୀବ, ବିଭିନ୍ନ ଉଦ୍ଭିଦ, ବିବିଧ ବିଷୟକ ଚିତ୍ର ରହିଛି।(ରାଓ: ୧୮୯୧) ଜଗନ୍ନାଥ ରାଓଙ୍କ ମୂଳ ଲକ୍ଷ୍ୟ ଥିଲା ନୂତନ ସୃଷ୍ଟ ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ସହାୟତା ପ୍ରଦାନ। ବ୍ୟାକରଣର ସଂବର୍ଗ ପରି ଚିହ୍ନଟ ଦ୍ୱାରା ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଏହା ବହୁଦିନ ଯାଏ ମୂଳ ଛାତ୍ର ସହଚର ପୁସ୍ତକରୂପେ ଆଦୃତି ଲାଭ କରିଥିଲା।

**ଉପସଂହାର**: ଉନବିଂଶ ଶତାବ୍ଦୀରେ ଓଡ଼ିଆ ଅଭିଧାନ ରଚନା କ୍ଷେତ୍ରରେ ପାଦ୍ରୀ ଆମୋସ ସଟନ୍ ଯେଉଁ ନିଷ୍ଠା ଓ ସାହସ ପ୍ରଦର୍ଶନ କରିଛନ୍ତି, ତାହା ବାସ୍ତବରେ ପ୍ରଶଂସାର୍ହ। ଅନେକ ଅପୂର୍ଣ୍ଣତା ସତ୍ତ୍ୱେ ତାଙ୍କର ଶ୍ରମ ଓ ଶବ୍ଦ ଅନ୍ୱେଷଣର ଆଗ୍ରହ ଓଡ଼ିଆ ଅଭିଧାନ ନିର୍ମାଣ ପାଇଁ ଏକ ପଥପ୍ରଦର୍ଶକ କର୍ମ। ସର୍ବୋପରି ନିଜ ବିଫଳତା ଓ ଅପୂର୍ଣ୍ଣତାକୁ ଅକୁଣ୍ଠଭାବରେ ସ୍ୱୀକାର କରି ସେ ଓଡ଼ିଆ ଭାଷାଚର୍ଚ୍ଚାରେ ନୂତନ ଆଦର୍ଶ ସୃଷ୍ଟି କରିଛନ୍ତି। ସମୟକ୍ରମେ ଆମୋସ ସଟନ୍ ଭୋଗିଥିବା ସମସ୍ୟା ସମାଧାନ ହୋଇଛି ଓ ହେଉଛି। କିନ୍ତୁ ଓଡ଼ିଆ ଶବ୍ଦରୂପର ଆଞ୍ଚଳିକ ଭିନ୍ନତା, ସାମାଜିକ ଭିନ୍ନତା ଓ ବୈୟକ୍ତିକ ଭିନ୍ନତାର ସମସ୍ୟା କଥା ଉଲ୍ଲେଖ କରି ସେ ଓଡ଼ିଆ ଭାଷାର ମାନକୀକରଣର ପ୍ରସଙ୍ଗ ପ୍ରଥମେ ଅନୁଭବ କରିଛନ୍ତି। ମୁଦ୍ରଣଯନ୍ତ୍ର ଆଗମନ ପରେ ଓଡ଼ିଆ ଭାଷା ପ୍ରକାଶକଙ୍କ କର୍ତ୍ତୃତ୍ୱାଧୀନ ହୋଇଗଲା। ପ୍ରକାଶନ ଶିଳ୍ପ ପାଇଁ ପରେ ଓଡ଼ିଆଭାଷା କିପରି କଟକ କୈନ୍ଦ୍ରିକ ହୋଇଗଲା, ସେସମ୍ପର୍କରେ ପ୍ରଥମେ ପ୍ରଶ୍ନ କରିଛନ୍ତି ଆମୋସ ସଟନ। ପରବର୍ତ୍ତୀକାଳରେ ଏସମ୍ପର୍କରେ ଅଧିକ ଆଲୋଚନା କରିଛନ୍ତି ଗୌରାଙ୍ଗ ଚରଣ ଦାଶ ଓ ସନ୍ତୋଷ କୁମାର ରଥ।

**ସହାୟକ ଗ୍ରନ୍ଥସୂଚୀ:**

୧) ଦାଶ, ଗୌରାଙ୍ଗ ଚରଣ; ପଣ୍ଡା, ପ୍ରଦୀପ୍ତ କୁମାର, ସଂ.। ୨୦୨୧। ଭୋକାବୁଲାରୀ: ଓଡ଼ିଆ ଏଣ୍ଡ ଇଂଲିସ। ଭୁବନେଶ୍ୱର, ଓଡ଼ିଆ ଭାଷା ପ୍ରତିଷ୍ଠାନ।

୨) ଦାଶ, ଗୌରାଙ୍ଗ ଚରଣ। ୨୦୦୯। ବିତର୍କ ଓ ବ୍ୟାଖ୍ୟାନ। ଭୁବନେଶ୍ୱର: ସରସ୍ୱତୀ।

୩) ଦାସ, ରବୀନ୍ଦ୍ର କୁମାର। ୨୦୨୩। କୋଷବିଜ୍ଞାନର ଆଲୋକରେ ସମଭାଷୀ ଓଡ଼ିଆ ଶବ୍ଦକୋଷ। କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ।

୪) ରଥ, ସନ୍ତୋଷ କୁମାର। ୨୦୨୩। ଏଷଣା-୮୭ । କଟକ, ଓଡ଼ିଆ ଗବେଷଣା ପରିଷଦ।

୫) ରଥ, ସନ୍ତୋଷ କୁମାର। ୨୦୨୪। ଓଡ଼ିଆ ଭାଷା ଚର୍ଚ୍ଚା: ଔପନିବେଶିକତା, ଔପଭାଷିକତା ଓ ଜାତୀୟ। ବଲାଙ୍ଗିର, ରଚନା।

୬) ରଥ, ସନ୍ତୋଷ କୁମାର, ସଂ.। ୨୦୨୩। ପ୍ରଥମ ଓଡ଼ିଆ

DOI: 10.70541/BAGEESHA/2025030402

VOL NO 03 ISSUE NO 04

ବ୍ୟାକରଣ – ଅପ୍ରକାଶିତ ଓ ପ୍ରକାଶିତ । ଭୁବନେଶ୍ୱର, ଓଡ଼ିଆ ଭାଷା ପ୍ରତିଷ୍ଠାନ।

୭) ରାଓ, ଜଗନ୍ନାଥ। ୧୮୯୧। ଉତ୍କଳ ଅଭିଧାନ। କଟକ, ଓଡ଼ିଶା ମିସନ ପ୍ରେସ।

୮) ଶାସ୍ତ୍ରୀ, ହରଗୋବିନ୍ଦ, ସଂ.। ୨୦୦୮। ବୈଜୟନ୍ତୀକୋଷଃ। ବାରଣାସୀ, ଚଉଖମ୍ବା ଭାରତୀ ଏକାଡ଼େମି।

୯) ସଟନ୍, ଆମୋସ୍, ନ୍ୟାୟାଳଙ୍କାର, ଭୁବନାନନ୍ଦ। ୧୮୪୩। ଉତ୍କଳ ଭାଷାର୍ଥଭିଧାନ। କଟକ, ଓଡ଼ିଶା ମିସନ ପ୍ରେସ ।

୧୦) ସିଂହ, ଅମର। ୧୮୯୯। ତୃତୀୟ ସଂସ୍କରଣ। ଅମରକୋଷ। କଟକ, ଅରୁଣୋଦୟ ପ୍ରେସ।

୧୧) Marshman, JC. 1828. Dictionary of Bangalee Language Serampore.

୧୨) Sutton, Amos. 1841. An Oriya Dictionary, v.01. Cuttack, The Orissa Mission Press.

୧୩) Sutton, Amos. 1843. An Oriya Dictionary, v.03. Cuttack, The Orissa Mission Press.

୧୪) Takoor, Mohunpersaud. 1811. Vocabulary Ooriya and English. Serampore, The Mission Press.

## Funding

No funding was received for conducting this study.

## Does this Article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this Article.

## About the licenses

© **Jeeban Kumar Panda** 2025. The text of this Article is open access and licensed under a Creative Commons Attribution 4.0 International license

## Cite this Article :

Panda, Jeeban Kumar, “Unbinsha Satabdira Odia Avidhana Nirmana: Keteka Samasya O Ta’ra Nirakarana”, Bageesha, Vol. No. 03, Issue No. 04, May-June 2025, Article No: BM2025/04-A002| Page- 13-18| DOI: https://doi.org/10.70541/BAGEESHA/2025030402

DOI: 10.70541/BAGEESHA/2025030402

VOL NO 03 ISSUE NO 04